# ଖରା ଆରମ୍ଭରୁ ଶୁଖିଲା ପଡ଼ିଛି ତଣ୍ଡ୍ରିଗାଁ ଡ୍ୟାମ୍

## ■ ପାଣି ପାଇଁ ଅସୁବିଧାରେ ୩ ହଜାରରୁ ଊର୍ଦ୍ଧ୍ୱ ପରିବାର ■ ଡ୍ୟାମରୁ ମାଟି କାଢ଼ି ନାଳ କରି ହେଉଛି ଗୋଳି ପାଣି ଯୋଗାଣ

ଫିରିଙ୍ଗିଆ,୧୭।୩(ସମିସ)

ବର୍ତ୍ତମାନ ଖରା ବଢିବା ସାଙ୍ଗକୁ କୂଅ, ପୋଖରୀ, ନଦୀ ନାଳ ଶୁଖିବାରେ ଲାଗିଛି। ଯାଦ୍ୱାରା ଅଧିକାଂଶ ଗାଁରେ ଖରା ଆରମ୍ଭରୁ ଜଳ କଷ୍ଟ ଦେଖାଦେଇଛି। ଫିରିଙ୍ଗିଆ ପଞ୍ଚାୟତ ଫିରିଙ୍ଗିଆ ବଜାର ସହିତ ସ୍ୱାସ୍ଥ୍ୟକେନ୍ଦ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ୧୦ରୁ ଅଧିକ ଗାଁକୁ ପାଣି ଯୋଗାଉଥିବା ଏକ ମାତ୍ର ନିର୍ଭରଯୋଗ୍ୟ ତଣ୍ଡ୍ରିଗାଁ ଡ୍ୟାମରେ ପାଣି ଶୁଖି ଯିବାରୁ ଜଳ କଷ୍ଟ ଦେଖାଦେବା ସହ ଲୋକେ ପିଇବା ପାଣି ପାଇଁ ଅସୁବିଧା ଭୋଗୁଛନ୍ତି । ତଣ୍ଡ୍ରିଗାଁ ଡ୍ୟାମରୁ ଫିରିଙ୍ଗିଆ ବଜାର ସହ ବିଭିନ୍ନ ଗାଁ ଏବଂ ସରକାରୀ କାର୍ଯ୍ୟାଳୟକୁ ପାଣି ଯୋଗାଇବା ପାଇଁ ଚାରିଟି ପମ୍ପ ହାଉସ ନିର୍ମାଣ କରାଯାଇଥିବା ବେଳେ ଦୈନିକ ଏହି ଡ୍ୟାମରୁ ୪ ମୋଟରରୁ ପାଣି ଛଡାଯାଉଛି। କିନ୍ତୁ ପାଣି ଛାଡିବା ମୁତାବକ ଡ୍ୟାମକୁ ପାଣି ଆସିବା ଭଳି କୌଣସି ବିକଳ୍ପ ନାହିଁ। ଯାହା ଅଳ୍ପ ଅଳ୍ପ ଝରପାଣି ଆସୁଛି ସେଥିରେ ବର୍ଷା ଦିନ ଠାରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ବହୁ କଷ୍ଟରେ ପାଣି ଯୋଗାଣ ହୋଇପାରୁଛି। କିନ୍ତୁ ଖରା ବଢିଲେ ଡ୍ୟାମରୁ ପାଣି ଶୁଖି ଯାଉଥିବାରୁ ପ୍ରତିବର୍ଷ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ମାସେ ହେଲା ଡ୍ୟାମ ପାଣି ଶୁଖୁଯାଇଥିବା ବେଳେ ଏବେ ପାଣି ଯୋଗାଇବା ପାଇଁ ଖୋଳା ଯାଇଥିବା କୂଅକୁ ମଧ ପାଣି ପହଞ୍ଚି ପାରୁନାହିଁ କି ପାଣି ଟାଙ୍କିରେ ମଧ ପାଣି ଭର୍ତ୍ତି ହୋଇପାରୁ ନାହିଁ। ଯାଦ୍ୱାରା ପାଣି ଯୋଗାଇବା ପାଇଁ ଡ୍ୟାମରେ ଜେସିବି ସାହାଯ୍ୟରେ ଖାତ ଖୋଳି ନାଳ କରି ପାଣି ଯୋଗାଇବା ବ୍ୟବସ୍ଥା କରାଯାଉଛି। କିନ୍ତୁ ପାଣି ପହଞ୍ଚି ପାରୁନାହିଁ। ପ୍ରତିଦିନ ଗୋଳି ପାଣି ଅଳ୍ପ ପରିମାଣରେ ଯାଉଛି। କିଏ ପାଉଛି ତ କିଏ ପାଣି ପାଉନାହିଁ। ଠିକରେ



ପାଣି ପହଞ୍ଚିପାରୁ ନାହିଁ। ଏଥିନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ସହ ବଜାର ଏବଂ ଅଞ୍ଚଳବାସୀ ଦୀର୍ଘ ଦିନ ହେବ ପାଣି ସମସ୍ୟାର ସମାଧାନ ପାଇଁ ଦାବି କରିଆସୁଥିଲେ ମଧ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ପ୍ରଶାସନ ତରଫରୁ କେବଳ ଡ୍ୟାମର ମାଟି କାଢି ଡ୍ୟାମ ପାଖରେ ବିଛାଇ ବିଲ କରୁଥିବା ବେଳେ ପୁଣି ବର୍ଷା ହେଲେ ମାଟି ଡ୍ୟାମକୁ ଯାଉଛି। ଏପରି କାମ ଯୋଗୁଁ ଅଯଥା ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି। ପାଣି ଛାଡିବା ଓ ଡ୍ୟାମର ଉର୍ନ୍ନତିକରଣ ପ୍ରହସନ ପାଲଟିଛି। ଲୋକଙ୍କ ପାନୀୟ ଜଳ ସଙ୍କଟର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଏଭଳି ଆଉ ପନ୍ଦର ଦିନରୁ ଅଧିକ ଖରା ରହିଲେ ଡ୍ୟାମ ସମ୍ପୂର୍ଣ୍ଣ ଶୁଖିଯିବା ସହ ପାଣି ଟୋପାଏ ପାଇଁ ଲୋକେ ତହଳବିକଳ ହେବେ ବୋଲି କୁହାଯାଇଛି। ତଣ୍ଡ୍ରିଗାଁ ଡ୍ୟାମକୁ ପାଣି ଆସିବା ପାଇଁ କୌଣସି ସୁବିଧା ନଥିବାରୁ ନିକଟରେ ଥିବା ବାଘନଦୀ କିମ୍ବା ଅନ୍ୟ ନାଳରୁ ପାଣି ଫିରିଙ୍ଗିଆ ସହ ବିଭିନ୍ନ ଗାଁକୁ ଯୋଗାଇବାକୁ ପୂର୍ବରୁ ବହୁ ଥର ଦାବି ହୋଇଥିଲେ ମଧ ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସମସ୍ୟା ସମ୍ପର୍କରେ ଦାୟିତ୍ୱରେ ଥିବା ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଅମର ବେହେରାଙ୍କୁ ପଚାରିବାରୁ ସେ ନୂଆରେ ଆସିଛନ୍ତି। ଲୋକେ କିଭଳି ପାଣି ପାଇବେ ତାହାର ବ୍ୟବସ୍ଥା ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

# ଜି.ଉଦୟଗିରି-କଳିଙ୍ଗା ମୁଖ୍ୟ ରାସ୍ତାରେ ହାତୀ

ଜି.ଉଦୟଗିରି,୧୭।୩(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ନନ୍ଦଗିରି ପିଡ଼ିକାମାହା ନିକଟରେ କଳିଙ୍ଗା ଠାରୁ ଜି .ଉଦୟଗିରି ମୁଖ୍ୟ ରାସ୍ତାରେ ଆଜି ସନ୍ଧ୍ୟାରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଏହା ଦେଖି ଅଞ୍ଚଳବାସୀ ଓ ଯାତ୍ରୀ ଭୟଭୀତ ହୋଇପଡିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। ତିନି ଦିନ ପୂର୍ବରୁ ପାବୁରିଆ ରେ



ଜଣକୁ ଏବଂ ଡମ୍ବାରେ ଦୁଇ ଜଣକୁ ହାତୀ ଦଳି ମାରି ଦେଇଥିବା ବେଳେ ଏବେ ନନ୍ଦଗିରି ନିକଟ ରାସ୍ତା ଉପରେ ବୁଲୁଥିବା ଦେଖି ଲୋକେ ଭୟଭୀତ ହୋଇପଡିଛନ୍ତି। ଅନ୍ୟ ପଟେ ଗ୍ୟାସ ସଙ୍କଟରୁ ରକ୍ଷା ପାଇବା ପାଇଁ ବିକଳ୍ପରେ ଜଙ୍ଗଲ ଉପରେ ଅଧିକ ନିର୍ଭର କରୁଥିବା ବେଳେ ବନ ବିଭାଗ ଜଙ୍ଗଲକୁ ଯିବାକୁ ଯିବାକୁ ବରଣ କରିଛି। ବିଭାଗ ତରଫରୁ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ହାତୀର ଗତିବିଧିକୁ ଡ୍ରୋନ କ୍ୟାମେରା ଦ୍ୱାରା ଲକ୍ଷ୍ୟ କରାଯାଉଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

# ବିଶିଷ୍ଟ ସାର୍ବଜନୀନ ସେବା ପାଇଁ ୩୦ ଜଣ ସେଞ୍ଚୁରିଆନ୍ ସାଥୀ ସମ୍ମାନିତ

ପାରଳାଖେମୁଣ୍ଡି, ୧୭।୩ (ସମିସ): ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସ୍‌ରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହର ଆୟୋଜନ ହୋଇଥିଲା। ଯୁବପିଢ଼ିଙ୍କୁ ମାର୍ଗଦର୍ଶନ ଏବଂ ଶିକ୍ଷିତ କରିବାରେ ଅବଦାନ ପାଇଁ ବିଭିନ୍ନ ଅଞ୍ଚଳର ୩୦ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ଏହି ବ୍ୟକ୍ତିଙ୍କୁ ସେଞ୍ଚୁରିଆନ୍ ସାଥୀ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଶିକ୍ଷା, ଦକ୍ଷତା ଏବଂ କ୍ୟାରିୟର ବିକାଶ ପ୍ରତି ଯୁବପିଢ଼ିଙ୍କୁ ପ୍ରେରଣା ଦେବାରେ ସେମାନଙ୍କର ନିରନ୍ତର



ପ୍ରୟାସର ପ୍ରଶଂସା ସ୍ୱରୂପ ସେମାନଙ୍କୁ ବିଶିଷ୍ଟ ସାର୍ବଜନୀନ ସେବା ଏବଂ ସଂଘର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପାରଳାଖେମୁଣ୍ଡି କ୍ୟାମ୍ପସର ଡ. ସନ୍ଦିପନ ପାଇନ୍ ସମସ୍ତ ସେଞ୍ଚୁରିଆନ୍ ସାଥୀଙ୍କୁ ସ୍ୱାଗତ କରିଥିଲେ । ପ୍ରଶାସନ ନିର୍ଦ୍ଦେଶକ ଡ. ଦୁର୍ଗା ପ୍ରସାଦ ପାଢ଼ୀ ସିୟୁଟିଏମ୍ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଦକ୍ଷତା କାର୍ଯ୍ୟକ୍ରମର ସାରାଂଶ ପ୍ରଦାନ କରିଥିଲେ । ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ବିଶ୍ୱବିଦ୍ୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ପ୍ରଶାସନିକ ଡିନ୍ ଡ. ଏସ୍.ପି. ନଇ ସେଞ୍ଚୁରିଆନର ମାର୍ଗଦର୍ଶୀ ଦର୍ଶନ,"ଜୀବନ ଗଠନ, ସମ୍ପ୍ରଦାୟକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମାଜ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ । ଆଲୋଚନା ସମୟରେ, ସାଥୀମାନେ ପାରଳାଖେମୁଣ୍ଡି କ୍ୟାମ୍ପସରେ ଉପଲବ୍ଧ ସୁବିଧା ଏବଂ ଭିତ୍ତିଭୂମି ନେଇ ସନ୍ତୋଷ ପ୍ରକାଶ କରିଥିଲେ ।

# ମହେନ୍ଦ୍ରଗିରିର ସୁରକ୍ଷା ଓ ବିକାଶ ପାଇଁ ଶବର ସମାଜ ସମ୍ମିଳନୀ



ରାୟଗଡ଼,୧୭।୩(ସମିସ): ମହେନ୍ଦ୍ରଗିରିର ସୁରକ୍ଷା ଓ ବିକାଶ ପାଇଁ ସମଗ୍ର ହିନ୍ଦୁ ସମାଜ ଏକ ହେବା ଆବଶ୍ୟକ। ଏନେଇ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଶବର ସମାଜର ବନ୍ଧୁମିଳନ ସହ ଧର୍ମସଭା ପରିପ୍ରେକ୍ଷୀରେ ବିଶାଳ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସଭାପତି ରାମଚନ୍ଦ୍ର ମଣ୍ଡଳଙ୍କ ସଭାପତିତ୍ୱରେ ୨୪ କେନ୍ଦ୍ରର ଚାରୋଟି ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଗତ କିଛି ଦିନ ତଳେ ଦେଖାଦେଇଥିବା ବିବାଦର ସ୍ଥାୟୀ ସମାଧାନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଭଙ୍ଗାରୁଜା ଓ ଆକ୍ରମଣ କରିଥିବା ଏହା ସମାଜ ପାଇଁ ନିନ୍ଦନୀୟ ଘଟଣା। ଏହା ଏକ ପବିତ୍ର ସ୍ଥାନ। ତେଣୁ ଏହାର ପବିତ୍ରତା ରକ୍ଷା କରିବା ଏବଂ ଏଠାକୁ ଆସୁଥିବା ଲୋକଙ୍କ ସୁବିଧା ପାଇ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଏ ଭଳି ବାଧା ସୃଷ୍ଟି କରୁଥିବା ଲୋକ ଯଦି ଆଗାମୀ ଦିନରେ ଏହାର ପୁନରାବୃତ୍ତି ଘଟାନ୍ତି ତାହା ହେଲେ ତାହାର ପ୍ରତିବାଦ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଉକ୍ତ କାର୍ଯ୍ୟକ୍ରମରେ ଶବର ସମାଜର ସର୍ବୋଚ୍ଚ ସମ୍ପାଦକ କୃଷ୍ଣ ଚନ୍ଦ୍ର ଗମାଙ୍ଗ, ଉପସଭାପତି ସୁଦର୍ଶନ ମଣ୍ଡଳ, କୋଷାଧକ୍ଷ ଲାବଣ୍ୟ ରାଇକା, ସ୍ୱାମୀ ଭାସ୍କର ତୀର୍ଥ (ଲକ୍ଷ୍ମୀବାବା), ସ୍ୱାମୀ ଅଖଣ୍ଡା ନନ୍ଦ, ସ୍ୱାମୀ ଭମରାଜ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧା କୃଷ୍ଣ ଜାନି, ଗଞ୍ଜାମ ସହ ବିଭାଗ କାର୍ଯ୍ୟବାହ ଜୁରୀଆ ଜାନି, ମହେନ୍ଦ୍ରଗିରି ଡେଭଲପମେଣ୍ଟ କମିଟି ଟ୍ରଷ୍ଟର ସମ୍ପାଦକ କାମଦେବ ବଡ଼ନାୟକ, ଓ ବିଜେପି ନେତା ମାନସ ରଞ୍ଜନ ପଟ୍ଟନାୟକ ମଞ୍ଚାସୀନ ଥିଲେ।

# ସମନ୍ୱିତ ବିକାଶ ମାଧ୍ୟମରେ ଶାନ୍ତି ପ୍ରତିଷ୍ଠାକୁ ଗୁରୁତ୍ୱ

ରାଇକିଆ,୧୭।୩(ସମିସ): ରାଇକିଆ ସାହାରା ସମ୍ମିଳନୀ ହଲ୍‌ରେ ଓଡ଼ିଶା ପିସ୍ ନେଟୱାର୍କ ଉପରେ ଏକ ଦିନିକିଆ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶା ନାଗରିକ ସମାଜ ସଂଗଠନ, ସାମାଜିକ କର୍ମୀ ଏବଂ ଶାନ୍ତି ଅଭ୍ୟାସକାରୀଙ୍କ ପ୍ରାୟ ୪୦ ଅଧିକ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୋସାଇଟି ଫର ୱେଲଫେୟାର, ଆନିମେସନ୍ ଏବଂ ଡେଭଲପମେଣ୍ଟ ଦ୍ୱାରା ଓଡ଼ିଶା ପିସ୍ କୋର୍ ଟିମ୍ ସହିତ ମିଳିତ ଭାବରେ ଆୟୋଜିତ ଏହି ବୈଠକର ଲକ୍ଷ୍ୟ ଥିଲା ଏହି ଅଞ୍ଚଳରେ ସହଯୋଗୀ ଶାନ୍ତି ପ୍ରତିଷ୍ଠା ପ୍ରୟାସକୁ ସୁଦୃଢ଼ କରିବା।



ଆଲୋଚନାରେ ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ସମନ୍ୱିତ ବିକାଶ ହସ୍ତକ୍ଷେପ ମଧ୍ୟରେ ଶାନ୍ତି ପ୍ରତିଷ୍ଠାକୁ ଏକ କ୍ରସ୍-କଟିଂ ବିଷୟବସ୍ତୁ ଭାବରେ ସଂହତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ସଂଯୋଜକ ନରେଶ ରଞ୍ଜିତ କାର୍ଯ୍ୟକ୍ରମର ଗତିଶୀଳ ଓ ସଫଳତା ଉପରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ଫାଦର ଜୋସେଫ ଭାଲିଆପାରାମ୍ବିଲ୍, ଓଡ଼ିଶା ପିସ୍ ନେଟୱାର୍କର ଯାତ୍ରା ବିଷୟରେ କହିଥିଲେ । ୨୦୧୨ ମସିହାରୁ ଏକତା, ଧର୍ମନିରପେକ୍ଷତା ଏବଂ ମାନବିକ ମର୍ଯ୍ୟାଦା ଉପରେ ଆଧାରିତ ଏକ ପ୍ଲାଟଫର୍ମ ଭାବରେ ଏହାର ବିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ବାସ୍ତବର ସମ୍ପାଦକ ଅଭିଷେକ କୁମାର ଦାଶ ଏହାର ପରିସର ଏବଂ ରଣନୀତି ଉପରେ ଆଲୋକପାତ କରିବା ସହ ସମ୍ବେଦନଶୀଳ କାର୍ଯ୍ୟକ୍ରମ ଏବଂ ତୃଣମୂଳ ସ୍ତରରେ ସମ୍ପୃକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାହାରାର ନିର୍ଦ୍ଦେଶକ ସୁକାନ୍ତ ନାୟକ କନ୍ଧମାଳରେ ଶାନ୍ତିର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ, ସ୍ଥାନୀୟ ଚ୍ୟାଲେଞ୍ଜ ଏବଂ ସାମୂହିକ କାର୍ଯ୍ୟର ଜରୁରି ଉପରେ ଗୁରୁତ୍ୱାରୋପ କରିଥିଲେ। ହାଇ ହୋପ୍ ସୋସାଇଟିର ନିର୍ଦ୍ଦେଶକ ଲିଙ୍ଗରାଜ ପ୍ରଧାନ, ଶାନ୍ତି ପାଇଁ ସମ୍ବଳ ସଂଗ୍ରହ, ସ୍ଥାୟୀ ପାଣ୍ଠି ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ।

## ସାକୁସବାଲି ଜଙ୍ଗଲରୁ ନିଆଁକୁ ଲିଭାଇଲା ବନ ବିଭାଗ

ବାଲିଗୁଡା,୧୭।୩(ସମିସ): ବନ ବିଭାଗ ପକ୍ଷରୁ ବାରମ୍ବାର ସଚେତନ କରାଯିବା ସତ୍ତ୍ୱେ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲରେ ନିଆଁ ଲଗାଉଛନ୍ତି କିଛି ଲୋକ। ଏମିତି ଘଟଣା ପୁଣି ଦେଖିବାକୁ ବାଲିଗୁଡ଼ା ବନାଞ୍ଚଳର ସାକୁସବାଲି ଜଙ୍ଗଲରେ। ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଫୋନ୍ ଯୋଗେ ବାଲିଗୁଡ଼ା ବନ ବିଭାଗକୁ ଜଣାଇବା ପରେ ବନପାଳ ପପୁ ଦୋରାଙ୍କ ନେତୃତ୍ୱରେ ବନ କର୍ମଚାରୀ, ନିଆଁ ଲିଭା ଦଳ ସହିତ ଜଙ୍ଗଲରେ ପହଞ୍ଚି ଜଳୁଥିବା ନିଆଁକୁ ଆୟତ୍ତ କରିଥିଲେ। ଗ୍ରୀଷ୍ମ ଦିନ ଆସିଲେ ବିଶେଷ କରି କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ଜଙ୍ଗଲ ଜଳୁଥିବା ଦୃଶ୍ୟ ଦେଖିବାକୁ ମିଳେ। ସରକାରଙ୍କ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉ ଥିଲେ ମଧ ଲୋକେ ନିଜ ସ୍ୱାର୍ଥ ପାଇଁ ନିଆଁ ଲଗାଇବା ସହ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ, ପଶୁ, ପକ୍ଷୀ, କୀଟ ପତଙ୍ଗଙ୍କ ଜୀବନ ବିପଦରେ ପକାଉଛନ୍ତି। ଅନେକ ଜନପ୍ରତିନିଧି ନିଜ ଅଞ୍ଚଳରେ ସଚେତନତା କରିବା ସହ ବନବିଭାଗକୁ ସାହାଯ୍ୟ ମଧ କରୁଥିବା ଦେଖିବାକୁ ମିଳିଛି। ସାକୁଶବାଲିରେ ଲାଗିଥିବା ନିଆଁକୁ ବନ କର୍ମଚାରୀଙ୍କ ସହିତ ସ୍ଥାନୀୟ ସରପଞ୍ଚ ମଧ ଚାରି ଦିନ ହେବ ନିଆଁଲିଭା କାର୍ଯ୍ୟରେ ସାହାଯ୍ୟ କରୁଥିବା କହିଛନ୍ତି। ଜଙ୍ଗଲ ରେ ନିଆଁ ଲଗାଇବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ କହିଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ ବିଭାଗ କର୍ମଚାରୀ ସତର୍କ ଦୃଷ୍ଟି ରଖିଥିବା ଜଣା ପଡ଼ିଛି।

## ସଂକ୍ରାନ୍ତିରେ ପରିବା ବଜାର ବନ୍ଦ ନକରିବାକୁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ

ପାରଳାଖେମୁଣ୍ଡି,୧୭।୩ (ସମିସ): ପାରଳାଖେମୁଣ୍ଡିରେ ପ୍ରତି ମାସ ସଂକ୍ରାନ୍ତି ଓ ଅନ୍ୟାନ୍ୟ ଅବସରରେ ପରିବା ବଜାର ବନ୍ଦ ନ କରିବାକୁ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି କିଛି ବୁଦ୍ଧିଜୀବୀ । ଆଜି ଏନେଇ ବୁଦ୍ଧିଜୀବୀ ବସନ୍ତକୁମାର ପଣ୍ଡା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରଶାସନକୁ ଜଣାଇଛନ୍ତି ଯେ ସହରରେ ସଂକ୍ରାନ୍ତି ଏବଂ ଅନ୍ୟାନ୍ୟ ଅବସରରେ କିଛି ଦୈନିକ ବଜାରରେ ଥିବା ମୁଖିଆ ବୋଲାଉଥିବା ବ୍ୟକ୍ତିବିଶେଷ ଅନଧିକୃତ ଭାବରେ ପନିପରିବା ବଜାର ବନ୍ଦ କରୁଛନ୍ତି। ଏପରି ସଂକ୍ରାନ୍ତି ଓ ଅନ୍ୟାନ୍ୟ ଅବସରରେ ପରିବା ବଜାର ବନ୍ଦ କରୁଥିବାକୁ ନେଇ କିଛି ମାସ ପୂର୍ବରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଘଟଣାକୁ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ମଧ କରାଯାଇଥିଲା । ସେତେବେଳେ ପୁଲିସ ପରିବା ବଜାର ବନ୍ଦ କରିବା ପାଇଁ ଯେଉଁମାନେ ନିଷ୍ପତ୍ତି ନେଉଥିଲେ ସେମାନଙ୍କୁ ଡାକି ଚେତାବନୀ ଦେଇଥିଲା । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ପ୍ରତ୍ୟେକ ସଂକ୍ରାନ୍ତିରେ ମୁଖ୍ୟ ପରିବା ବଜାର ବନ୍ଦ ହେଉଥିଲେ ହେଁ ସହରର ଜଙ୍ଗମସାହି ଛକ, ଜଗନ୍ନାଥ ମନ୍ଦିର ଅଞ୍ଚଳ, ତହସିଲ ଅଫିସ ନିକଟ, ପୁରୁଣା ଫାୟାର ଷ୍ଟେସନ ଛକ ଏବଂ ସହରର ଅନ୍ୟାନ୍ୟ ସ୍ଥାନରେ ଗରୀବ ତଥା କ୍ଷୁଦ୍ର ପରିବା ବ୍ୟବସାୟୀ ପନିପରିବା ବିକ୍ରୟ କରୁଥିଲେ । ହେଲେ ବର୍ତ୍ତମାମ ସେମାନଙ୍କୁ ମଧ ତାଗିଦ କରି ବନ୍ଦ କରାଯାଉଛି। ଯାହା ଫଳରେ ଏହି ଗରିବ ତଥା କ୍ଷୁଦ୍ର ପନିପରିବା ବିକ୍ରେତା ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସହରବାସୀ ଦୈନନ୍ଦିନ ପନିପରିବା କ୍ରୟ କରିବାରେ ବଞ୍ଚିତ ହେଉଛନ୍ତି । କେତେକ ନ୍ୟସ୍ତସ୍ୱାର୍ଥ ତଥା ବଡ ପରିବା ବିକାଳୀ ବ୍ୟକ୍ତି ବିଶେଷ ପରିବା ବଜାର ନିୟନ୍ତ୍ରଣ ନିଜ ଅକ୍ତିଆରକୁ ନେଇ ଚଳାଇବା ପାଇଁ ଏପରି କରୁଥିବା ଅଭିଯୋଗ କରିଛନ୍ତି। କୋଭିଡ୍ ମହାମାରି ସମୟରେ ସହରର ହାଟପଦାରେ ପୃଥକ ଭାବେ ପନିପରିବା ବଜାର ଖୋଲାଯାଇଥିଲା । ଏହି ପନିପରିବା ବଜାରକୁ ମଧ ସେତେବେଳେ କିଛି ଡେଲି ମାର୍କେଟ ବିକ୍ରେତା ନିଜର ସ୍ୱାର୍ଥ ପାଇଁ ସେହି ବଜାରକୁ ବନ୍ଦ ରଖିବାକୁ ମସୁଧା କରିଥିଲେ। ତେଣୁ ତାହା ମଧ ବନ୍ଦ ହୋଇଯାଇଛି । ଯଦି ଓ ସେଠାରେ ପୁନଃ ପନିପରିବା ବଜାର ଖୋଲାଗଲେ ସହରବାସୀ ଉପକୃତ ହୋଇପାରିବେ ବୋଲି ସହ ଶ୍ରୀ ପଣ୍ଡା ଉଲ୍ଲେଖ କରଛନ୍ତି।

## ସହରାଞ୍ଚଳ ବିଦ୍ୟାଳୟ ଓ ହଷ୍ଟେଲରେ ଗ୍ୟାସ ଅଭାବ

ପାରଳାଖେମୁଣ୍ଡି,୧୭।୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡିଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାରେ ଗ୍ୟାସର ଅଭାବ ଦିନକୁ ଦିନ ବୃଦ୍ଧି ପାଇଛି । ବର୍ତ୍ତମାନ ସୁଦ୍ଧା ବ୍ୟବସାୟ ପ୍ରତିଷ୍ଠାନ ତଥା ହୋଟେଲ, ରେସ୍ତୋରାଁ ଗ୍ୟାସ ଅଭାବର ସମ୍ମୁଖୀନ ହୋଇ କାଠ ଚୁଲି ରନ୍ଧା ଆରମ୍ଭ କରିଥିବା ବେଳେ କ୍ଷୁଦ୍ର ବ୍ୟବସାୟୀ ତଥା ଠେଲା ଲଗାଇ ଖାଦ୍ୟ ସାମଗ୍ରୀ ବିକ୍ରିବଟା କରୁଥିବା ବ୍ୟବସାୟୀ କେତେକ ବନ୍ଦ କରିଦେଇଥିବା ବେଳେ ଆଗାମୀ ଦିନରେ ଯଦି ଗ୍ୟାସର ଏପରି ଅଭାବ ପରିଲକ୍ଷିତ ହୁଏ ତେବେ ବ୍ୟବସାୟ ବନ୍ଦ କରିବାକୁ ଅନେକ ମନସ୍ଥ କରିଛନ୍ତି। ଜାଳେଣି ଗ୍ୟାସ୍ ଅଭାବ ଜିଲ୍ଲାର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଞ୍ଚଳରେ ଦେଖିବାକୁ ମିଳୁଥିବା ବେଳେ ଗ୍ରାମାଞ୍ଚଳରେ କାଠ ଚୁଲିର ବ୍ୟବହାର ଯୋଗୁଁ କିଛି ମାତ୍ରାରେ ଲୋକେ ଉପକୃତ ହେଉଛନ୍ତି । ହେଲେ ସହରାଞ୍ଚଳରେ କାଠର ବ୍ୟବହାର କିମ୍ବା ସଠିକ୍ ଭାବେ କାଠ ମିଳୁ ନଥିବା ଯୋଗୁଁ ଗ୍ୟାସ୍ ଉପରେ ନିର୍ଭର କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ୟାସ୍ ବୁକିଂ କରିବାର ୫ରୁ ୭ ଦିନ ବିତିଯାଇଥିଲେ ମଧ ସିଲିଣ୍ଡର ପାଇନଥିବାର ଜଣାଇଛନ୍ତି ଗ୍ୟାସ ବ୍ୟବହାରକରୀ। ବିଶେଷ କରି ସହରରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଥିବା ବିଭିନ୍ନ ବିଦ୍ୟାଳୟ ଓ ହଷ୍ଟେଲ୍ ଗ୍ୟାସ ସିଲିଣ୍ଡର ଉପରେ ନିର୍ଭର କରିଥାନ୍ତି । ଏପରି ପରିସ୍ଥିତିରେ ଗ୍ୟାସ୍ ନ ମିଳିବାରୁ କୌଣସି ମତେ କାଠ ଚୁଲିର ରୋଷେଇ କରି ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବାର ଦେଖିବାକୁ ମିଳିଛି। ଏପରି କି କିଛି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶାସନର ଦ୍ୱାରସ୍ଥ ହୋଇଥିବାର ଜଣାପଡିଛି। ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଗ୍ୟାସ୍ ଯୋଗାଇ ଦିଆଯାଇଥିବା ଜଣାଯାଇଛି ।

## ଗୌରହରି ପାଠାଗାରର ଭାଗବତ ପାରାୟଣ ଉତ୍ସବ

ପାରଳାଖେମୁଣ୍ଡି,୧୭ ।୩(ସମିସ): ପାରଳାଖେମୁଣ୍ଡି ସହରରେ ଥିବା ଗୌରହରି ପାଠାଗାର ତରଫରୁ ୮ମ ଭାଗବତ ପାରାୟଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡରାଧାକାନ୍ତ ମଠ ପୂଜକ ପ୍ରସନ୍ନ କୁମାର ମିଶ୍ର ପୂଜା ତଥା ପାରାୟଣ କାର୍ଯ୍ୟରେ ସହଯୋଗକରି ଭାଗବତ ପଠନ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗର ପୃଷ୍ଠପୋଷକତା ଓ ପାରଳାଖେମୁଣ୍ଡି ପୌରପରିଷଦ ଆନୁକୁଲ୍ୟରେ ପ୍ରତିବର୍ଷ ଏହି ଉତ୍ସବ ଗୌରହରି ପାଠାଗାର ଦ୍ୱାରା ଆୟୋଜିତ ହୋଇଥାଏ। ଏଥିରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତଥା ପାଠାଗାର ସବାପତି ରମେଶ ଚନ୍ଦ୍ର ପାଢୀ, ଉପସଭାପତି ଅଶ୍ବିନୀ କୁମାର ପାଢୀ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ପାଠାଗାରର ସମ୍ପାଦକ ପ୍ରଫୁଲ ଚନ୍ଦ୍ର ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ସାହୁ ରମାନାଥ ପାଣିଗ୍ରାହୀ ଓ ସୁଜିତ କୁମାର ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ

# ଫିରିଙ୍ଗିଆ ଇଲେଭେନକୁ ହରାଇ ସୁରଜ ଏଫସି ଚାମ୍ପିୟନ

ଫିରିଙ୍ଗିଆ,୧୭।୩(ସମିସ)

ଫିରିଙ୍ଗିଆ କ୍ରୀଡ଼ା ସଂଘ ଦ୍ୱାରା ମିନି ଷ୍ଟାଡିଅମରେ ଆୟୋଜିତ ହୋଇଥିବା ପ୍ରଥମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଛି। ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରା ମୁଖ୍ୟଅତିଥି, ପୂର୍ବତନ ଫୁଲବାଣୀ ବିଧାୟକ ଦୁଗୁନି କହଁର, ପୂର୍ବତନ ଖଜୁରୀପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଳିକ, ପତାବାଲୀ ମନ୍ଦିରର ପୂଜକ ସତ୍ୟନାରାୟଣ ଭୁକ୍ତା, ବିଜେଡି ଜିଲ୍ଲା ଉପସଭାପତି ତ୍ରିନାଥ କହଁରଙ୍କ ସହ ଜିଲ୍ଲା ତଥା ଫିରିଙ୍ଗିଆ ଅଞ୍ଚଳର ବହୁ




ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସୁରଜ ଏଫସି ଫୁଲବାଣୀ ଓ ଫିରିଙ୍ଗିଆ ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିବା ବେଳେ ପେନାଲଟିକ ଜରିଆରେ ଫିରିଙ୍ଗିଆ ଇଲେଭେନକୁ ହରାଇ ସୁରଜ ଏଫସି ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚକୁ ରେଫରୀ ଶଶିକାନ୍ତ ଦାସିଆଙ୍କ ସହ ସରୋଜ କୁମାର ମଲିକ, ମୁକେଶ କୁମାର ପ୍ରଧାନ ଓ ପ୍ରଫୁଲ୍ଲ କୁମାର କହଁର ପରିଚାଳନା କରିଥିଲେ। ଜିଲ୍ଲାର ବରିଷ୍ଠ କ୍ରୀଡ଼ା ସଂଗଠକ ସରୋଜ କୁମାର ମୁନି ମ୍ୟାଚ କମିଶନର ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ୭ ଦିନ ଧରି ରାଜ୍ୟର ବଛା ବଛା ୧୬ ଫୁଟବଲ ଟିମ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫିରିଙ୍ଗିଆ କ୍ରୀଡ଼ା ସଂଘ ସଭାପତି ଶିବଶଙ୍କର ମହାପାତ୍ର, ସମ୍ପାଦକ ସାଗର ସାହୁ, ସରପଞ୍ଚ ଜଳନ୍ଧର କହଁର, ଉପଦେଷ୍ଟା କାମେଶ୍ୱର କହଁର, ଚନ୍ଦ୍ରମୋହନ ନାଏକ, କେଶବ କହଁର, ବରିଷ୍ଠ ସଦସ୍ୟ ଗୌରାଙ୍ଗ କହଁର, ବିଭୁଦତ୍ତ ମୁଖିଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମ୍ୟାଚ ଶେଷରେ ଉଭୟ ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

# ୩୦ କେଜି ଗଞ୍ଜେଇ ଜବ୍‌ତ; କାର୍ ସହ ୩ ଗିରଫ

ଫିରିଙ୍ଗିଆ,୧୭।୩(ସମିସ): ଫିରିଙ୍ଗିଆ ବ୍ଲକରେ ଦିନକୁ ଦିନ ଗଞ୍ଜେଇ ଚାଲାଣ ଏବଂ ଚାଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟାଏ ପଟେ ପୁଲିସ ଓ ଅବକାରୀ ବିଭାଗ ଗଞ୍ଜେଇ କାଟି କାଟି ନାକେଦମ ହେଉଥିବା ବେଳେ ଯେତେ କାଟିଲେ ବି ସରୁ ନାହିଁ। କେତେ କଟକଣା ହେଲେବି ଗଞ୍ଜେଇ ଚାଷୀ କିମ୍ବା ଚାଲାଣକାରୀ, ବେପାରୀ କାହାକୁ କିଛି ଫରକ ପଡୁନାହିଁ । ଦୈନିକ ସାଇକଲ, ବାଇକ ଏବଂ ଦାମୀ ଗାଡ଼ିରେ ଗଞ୍ଜେଇ ଏହି ଅଞ୍ଚଳରୁ ବାହାରକୁ ଚାଲାଣ ହେଉଛି। କିନ୍ତୁ ପୁଲିସ ହାତ ଗଣତି କିଛି ଚାଲାଣକାରୀକୁ ଧରିବାରେ ସଫଳ ହେଉଛି। ଗତ କିଛି ଦିନ ଭିତରେ ପୁଲିସ ଓ ଅବକାରୀ ବିଭାଗ ବାରମ୍ବାର ଗଞ୍ଜେଇକୁ ନେଇ ପାଟ୍ରୋଲିଂ ଓ ଚଢ଼ଉ ଜାରି ରଖି ଗଞ୍ଜେଇ ଧରପଗଡ଼କୁ ଜୋରଦାର କରିଛନ୍ତି। ଫିରିଙ୍ଗିଆ ପୁଲିସ ପୁଣି ପାଟ୍ରୋଲିଂ ବେଳେ ଏକ ନୂଆ ଦାମୀ କାର ସହ ୩୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଡ୍ରାଇଭର ସହ ୩ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ ଗତକାଲି ଫିରିଙ୍ଗିଆ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ମଣିପଦର ଛକ ନିକଟରେ ଏକ ଧଳା ରଙ୍ଗର ଏକ କାରକୁ ଅଟକାଇଥିଲେ। କାରକୁ ତନଖି ପରେ କାର ଇଞ୍ଜିନ ଭିତରେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ଘଟଣା ସ୍ଥଳରେ କାର ଓ ଗଞ୍ଜେଇ ସହ ଗଞ୍ଜେଇ ଚାଲାଣ ରେ ସମ୍ପୃକ୍ତ ଉଦୟଗିରି ଥାନା ବୁରୁପଡି ଗାଁର କାର ଡ୍ରାଇଭର ମିକାଶ ପ୍ରଧାନ ଓ



ଫିରିଙ୍ଗିଆ ଥାନା କଡୁରାହା ଗାଁର ପ୍ରେମାନନ୍ଦ ମଲିକ ଓ ବ୍ୟାସଦେବ କହଁରଙ୍କୁ ଗିରଫ କରିଥିଲା ପୁଲିସ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତରେ ଘଟଣା ସ୍ଥଳରେ ଗଞ୍ଜେଇ ଓଜନ କରାଯାଇଥିଲା। ୩୦ କେଜି ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ଏହି ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଆଜି ଗଞ୍ଜେଇ ସହ ୩ ଚାଲାଣ କାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ କେଲାପଡା ଅଞ୍ଚଳରୁ ଭୁବନେଶ୍ୱର ଯାଉଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୪୩ ● ପାଉଣ୍ଡ ୧୨୩.୨୦
- ୟୁରୋ ୧୦୬.୨୫ ● ୟେନ୍ ୦.୫୭



**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୪,୨୯୦ (ନୂଆଦିଲ୍ଲୀ)
- ରୁପା : ୨,୬୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୦୭୦.୦୦
- ନିଫ୍ଟି ୨୩,୫୮୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



■ ୟୁରାଲ୍ସ କ୍ରୁଡ୍ ଚାହିଦାରେ ବୃଦ୍ଧି

# ଭାରତ ପାଇଁ ମହଙ୍ଗା ହେଲା ଋଷ ତେଲ




ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଯୁଦ୍ଧ ପରିସ୍ଥିତି ଯୋଗୁ ଋଷ ତେଲ କିଣିବାକୁ ଆମେରିକା ବିଭିନ୍ନ ଦେଶ ପାଇଁ କଟକଣା କୋହଳ କରିବା ପରେ ଋଷ ତେଲ ମୂଲ୍ୟ ବଢ଼ିଯାଇଛି। ଭାରତ ପାଇଁ ମଧ୍ୟ ରୁଷ ତେଲ ରପ୍ତାନୀ ଆକାଶ ଛୁଆଁ ହୋଇଛି। ତଥ୍ୟ ଅନୁଯାୟୀ, ଶୁକ୍ରବାର ଭାରତର ପଶ୍ଚିମ ଉପକୂଳରେ ପହଞ୍ଚିଥିବା ୟୁରାଲ୍ସ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୯୮.୯୩ ଡଲାରରେ ପହଞ୍ଚିଛି। ତେବେ ଏଥିରେ ପରିବହନ ଖର୍ଚ୍ଚ ବି ରହିଛି।

**ରିଆତି ପ୍ରତି ବ୍ୟାରେଲ୍ ୪.୮୦ ଡଲାରକୁ ହ୍ରାସ**

୨୦୨୨ ପ୍ରାରମ୍ଭରେ ୟୁକ୍ରେନ୍ ଆକ୍ରମଣ ପରେ ରୁଷ ଭାରତକୁ ଯେଉଁ ଅଶୋଧିତ ତୈଳ ରପ୍ତାନି କରୁଥିଲା, ଏହା ତା'ଠାରୁ ଖୁବ ମହଙ୍ଗା ରହିଛି।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ବିଶ୍ୱ ସ୍ତରରେ ତୈଳ ଦର ବୃଦ୍ଧି ପାଇବା ପରେ ଏହି ବୃଦ୍ଧି ଘଟିଛି। ମିଳିଥିବା ତଥ୍ୟ ଅନୁସାରେ, ବ୍ରେଣ୍ଟ କ୍ରୁଡ୍ ତୁଳନାରେ ରୁଷର ଭାରତୀୟ ବନ୍ଦରଗୁଡ଼ିକୁ ପଠାଯାଉଥିବା ଅଶୋଧିତ ତୈଳ ଉପରେ ରିଆତି ୪.୮୦ ଡଲାର ପ୍ରତି ବ୍ୟାରେଲକୁ ହ୍ରାସ ପାଇଛି। ଯାହା ଗତ ଚାରି ମାସରେ ସର୍ବନିମ୍ନ ରିଆତି। ଗତ ସପ୍ତାହରେ ଆମେରିକାର ଟ୍ରେଜେରୀବିଭାଗ ଦ୍ୱିତୀୟ ଥର ପାଇଁ କ୍ରେତାମାନଙ୍କୁ ସମୁଦ୍ରରେ ପୂର୍ବରୁ ଥିବା ରୁଷୀୟ ତୈଳ କାର୍ଗୋ ରିସିଭ କରିବାକୁ ଅନୁମତି ଦେଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ତୃତୀୟ ସପ୍ତାହରେ ପ୍ରବେଶ କରିବା ସହିତ ମୂଲ୍ୟ ଉପରେ ଚାପ କମ କରିବାକୁ ଚାହୁଁଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଭାରତ ସମେତ ଅନ୍ୟ ଦେଶମାନେ ବି ଋଷ ଠାରୁ ତେଲ କିଣିପାରିବେ। ମାର୍ଚ୍ଚ ଆରମ୍ଭରେ ଆମେରିକାରୁ ସବୁଜ ସଙ୍କେତ ପାଇବା ପରେ,ଇଣ୍ଡିଆନ ଅଏଲ୍ କର୍ପୋରେସନ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସମେତ ଭାରତୀୟ ରିଫାଇନାରୀଗୁଡିକ ପ୍ରାୟ ୩୦ ମିଲିଅନ ବ୍ୟାରେଲ ବିକ୍ରି ହୋଇ ନଥିବା ରୁଷୀୟ ଅଶୋଧିତ ତୈଳ କିଣିଛନ୍ତି ବୋଲି ସୂଚନା ମିଳିଛି। ରିପୋର୍ଟ ଅନୁଯାୟୀ,ଶୁକ୍ରବାର ରୁଷିଆର ପଶ୍ଚିମ ବନ୍ଦରଗୁଡ଼ିକରେ ୟୁରାଲ୍ସ ତେଲର ହାରାହାରି ମୂଲ୍ୟ ୭୩.୭୩ ଡଲାର ପ୍ରତି ବ୍ୟାରେଲ ଥିଲା,ଯାହା ୨୦୨୪ ମଧ୍ୟ-ଜୁଲାଇ ପରଠାରୁ ଏହା ସର୍ବାଧିକ ଦର।

# ୪୦% ସ୍ନାତକ ଡିଗ୍ରୀଧାରୀ ବେକାର

ନୂଆଦିଲ୍ଲୀ,୧୭।୩(ଏଜେନ୍ସି)

ଦେଶରେ ହୁ ହୁ ହୋଇ ବଢ଼ିଚାଲିଛି ବେକାରୀ ହାର। ସାମ୍ପ୍ରତିକ ବର୍ଷଗୁଡ଼ିକରେ ସ୍ନାତକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ବେକାରୀ ସମସ୍ୟାକୁ ଆହୁରି ତୀବ୍ର କରିଛି। ବର୍ତ୍ତମାନ ଭାରତର ୪୦% ସ୍ନାତକ ଡିଗ୍ରୀଧାରୀ ବେକାର। କାରଣ ଦେଶରେ ୨୦ ରୁ ୨୯ ବର୍ଷ ବୟସର ପ୍ରାୟ ୬୩ ନିୟୁତ ସ୍ନାତକଙ୍କ ମଧ୍ୟରୁ ପ୍ରାୟ ୧୧ ନିୟୁତ

**ମାତ୍ର ୭% ବର୍ଷକ ମଧ୍ୟରେ ସ୍ଥାୟୀ ଚାକିରି ପାଇଛନ୍ତି**

**୨୦ରୁ ୨୯ ବୟସର ୬୩ ନିୟୁତ ସ୍ନାତକଙ୍କ ମଧ୍ୟରୁ ୧୧ ନିୟୁତ ବେକାର**

ବେକାର। ଏହି ସୂଚନା ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର 'ଷ୍ଟେଟ୍ ଅଫ୍ ୱାର୍କିଂ ଇଣ୍ଡିଆ' ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ସ୍ନାତକ ହେବାର ଗୋଟିଏ ବର୍ଷ ମଧ୍ୟରେ ବହୁତ କମ୍ ଲୋକ ସ୍ଥାୟୀ ଏବଂ ବେତନଯୋଗ୍ୟ ଚାକିରିଟିଏ ପାଇପାରିବେ। ରିପୋର୍ଟ ଅନୁଯାୟୀ, ମାତ୍ର ୭% ସ୍ନାତକ ନିୟମିତ ଏବଂ ଦରମାପ୍ରାପ୍ତ ଚାକିରି ପାଇଛନ୍ତି। ଏହି ସମୟରେ ୧୫ ରୁ ୨୫ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ବେକାରୀ ହାର ପ୍ରାୟ ୪୦% ଏବଂ ୨୫ ରୁ ୨୯ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ଏହି ହାର ପ୍ରାୟ ୨୦% ଥିବା ଏକ ରିପୋର୍ଟରେ କୁହାଯାଇଛି।




ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ 'ଭାରତରେ କାର୍ଯ୍ୟର ସ୍ଥିତି – ୨୦୨୬' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ, ଗତ କିଛି ଦଶନ୍ଧି ଧରି ଦେଶରେ ଯୁବ ଜନସଂଖ୍ୟା ବୃଦ୍ଧି ପାଇଛି ଏବଂ ଉଚ୍ଚଶିକ୍ଷାରେ ନାମଲେଖା ମଧ୍ୟ ବୃଦ୍ଧି ପାଇଛି। ଏହି କାରଣରୁ ସ୍ନାତକଙ୍କ ସଂଖ୍ୟାରେ ମଧ୍ୟ ବ୍ୟାପକ ବୃଦ୍ଧି ଘଟିଛି। ୨୦୨୩ ସୁଦ୍ଧା ୨୦ ରୁ ୨୯ ବର୍ଷ ବୟସର ୬୩ ନିୟୁତ ସ୍ନାତକଙ୍କ ମଧ୍ୟରୁ ୧୧ ନିୟୁତ ବେକାର ଥିଲେ। ତଥାପି, ସ୍ୱାଧୀନତା ପରଠାରୁ ଭାରତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ଏବଂ ପୂର୍ବର ଅନେକ ତ୍ରୁଟିକୁ ଦୂର କରିଛି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଉଚ୍ଚଶିକ୍ଷାରେ ନାମଲେଖା ହାର ଦେଶର ବିକାଶ ସ୍ତର ସହିତ ସମାନ। ଏହା ବ୍ୟତୀତ, ଲିଙ୍ଗ ଏବଂ ଜାତି ଆଧାରିତ ଶିକ୍ଷା ପାଇବାରେ ବାଧା କିଛିଟା ହ୍ରାସ ପାଇଛି। ତଥାପି, ଉନ୍ନତି ଆବଶ୍ୟକ। ଏହା ସତ୍ତ୍ୱେ ଏହି ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିବାରେ ଆଶାତୀତ ସଫଳତା ହାସଲ ହୋଇନାହିଁ।

ରିପୋର୍ଟ ଅନୁଯାୟୀ, ଯୁବ ସ୍ନାତକଙ୍କ ପାଇଁ ବେକାରୀ ହାର ଉଚ୍ଚ ରହିଛି। ସ୍କୁଲରୁ କର୍ମଜୀବନକୁ ପରିବର୍ତ୍ତନ ଅନିଶ୍ଚିତ ଏବଂ ଅନେକଙ୍କ ପାଇଁ, ଏକ ସ୍ଥିର ଏବଂ ଭଲ ଦରମା ଦେଉଥିବା ଚାକିରିରେ ପରିଣତ ହୁଏ ନାହିଁ। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଶିକ୍ଷାରେ ପୁରୁଷଙ୍କ ଅଂଶଗ୍ରହଣ ୨୦୧୭ରେ ୩୮% ରୁ ୨୦୨୪ ଶେଷ ସୁଦ୍ଧା ୩୪%କୁ ହ୍ରାସ ପାଇଛି। ପାଠପଢ଼ା ଛାଡିବାର ସବୁଠାରୁ ସାଧାରଣ କାରଣ ହେଉଛି ପରିବାର ଆୟରେ ଯୋଗଦାନ ଦେବା। ୨୦୧୭ରେ ୫୮% ଯୁବପିଢ଼ି ଏହାକୁ କାରଣ ଭାବରେ ଉଲ୍ଲେଖ କରିଛନ୍ତି। ଏହା ୨୦୨୩ ସୁଦ୍ଧା ୭୨% କୁ ବୃଦ୍ଧି ପାଇଛି।

ପ୍ରତିବର୍ଷ ପ୍ରାୟ ୫ ନିୟୁତ ନୂତନ ସ୍ନାତକ ସୃଷ୍ଟି ହୋଇଥିଲେ। ୨୦୦୪-୦୫ ଏବଂ ୨୦୨୩ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୫ ନିୟୁତ ନୂତନ ସ୍ନାତକ ସୃଷ୍ଟି ହୋଇଥିଲେ। ତଥାପି, ସେଥିରୁ କେବଳ ୨.୮ ନିୟୁତ ଲୋକଙ୍କୁ ନିଯୁକ୍ତି ମିଳିଥିଲା। ଏମାନଙ୍କ ମଧ୍ୟରୁ ବହୁତ କମ୍ ଲୋକ ନିୟମିତ, ଦରମାପ୍ରାପ୍ତ ଚାକିରି ପାଇଥିଲେ, ଯାହା ଫଳରେ ବେକାରୀ ବୃଦ୍ଧି ପାଇଥିଲା ଏବଂ ଆୟବୃଦ୍ଧି ମନ୍ଥର ହୋଇଥିଲା। ରିପୋର୍ଟ ଅନୁଯାୟୀ, ସ୍ନାତକମାନେ ସାଧାରଣତଃ ଅଣ-ସ୍ନାତକଙ୍କ ତୁଳନାରେ ଅଧିକ ରୋଜଗାର କରନ୍ତି। ସେମାନଙ୍କର ପ୍ରାରମ୍ଭିକ ଦରମା ପ୍ରାୟ ଦୁଇଗୁଣ ହୋଇଥାଏ। ଏହି ପାର୍ଥକ୍ୟ ସମୟ ସହିତ ବୃଦ୍ଧି ପାଇଥାଏ। ତଥାପି, ସାମ୍ପ୍ରତିକ ବର୍ଷଗୁଡ଼ିକରେ ପୁରୁଷ ସ୍ନାତକଧାରୀଙ୍କ କ୍ଷେତ୍ରରେ ଦରମା ବୃଦ୍ଧି ହାର ମନ୍ଥର ହୋଇଛି। ଅନ୍ୟପକ୍ଷରେ ସ୍ନାତକ ରୋଜଗାରରେ ଲିଙ୍ଗଗତ ପାର୍ଥକ୍ୟ ସଙ୍କୁଚିତ ହୋଇଛି, ଯାହା ସୂଚାଇ ଦିଏ ଯେ ଯୁବତୀମାନଙ୍କ ପାଇଁ ଶ୍ରମ ବଜାର ଫଳାଫଳରେ ଉନ୍ନତି ଆସିଛି।

**ଭାରତରେ ପହଞ୍ଚିଲା ଦ୍ୱିତୀୟ ଏଲ୍‌ପିଜି ଟ୍ୟାଙ୍କର**

# ଏଯାଏ ଟଳିନି ରନ୍ଧନ ଗ୍ୟାସ୍ ସଙ୍କଟ



ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟରେ 'ନନ୍ଦାଦେବୀ' ପରେ 'ଶିବାଳିକ' ନାମକ ଆଉ ଏକ ଏଲ୍‌ପିଜି ଗ୍ୟାସ୍ କଣ୍ଟେନର ଭର୍ତ୍ତି ଜାହାଜ ଭାରତରେ ପହଞ୍ଚିଛି। 'ନନ୍ଦାଦେବୀ'କୁ ଧୈର୍ଯ୍ୟର ସହ ହର୍ମୁଜ ପ୍ରଣାଳୀ(ଷ୍ଟ୍ରେଟ ଅଫ ହର୍ମୁଜ) ଅତିକ୍ରମ କରାଇ ଭାରତ ଆଣିଛନ୍ତି ଓଡ଼ିଆ ପୁଅ କ୍ୟାପଟେନ ଧୀରଜ ଅଗ୍ରୱାଲ। ଏଠାରେ ସୂଚନାଯୋଗ୍ୟ ଯେ, ଧୀରଜ ହେଉଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିର ବାସିନ୍ଦା ଏବଂ ବଲାଙ୍ଗିର ସହରର ଜ୍ୱାଇଁ। ଯଦିବା

■ **ଏଲ୍‌ପିଜି ବ୍ୟବହାରରେ ୧୭% ହ୍ରାସ**

■ **ଦେଶରେ ଇନ୍ଧନ ସମସ୍ୟା ନାହିଁ :ଅର୍ଥ ମନ୍ତ୍ରୀ**

ଏଲ୍‌ପିଜି ଗ୍ୟାସ୍ କଣ୍ଟେନର ଭର୍ତ୍ତି ଜାହାଜ ଆସିଛି ହେଲେ ଦେଶରେ ଏ ଯାଏ ରନ୍ଧନ ଗ୍ୟାସ୍ ସଙ୍କଟ ଟଳିନାହିଁ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ସମ୍ପ୍ରତି ରନ୍ଧନ ଗ୍ୟାସ୍‌ର ଉତ୍କଟ ଅଭାବ ଦେଖାଦେଇଛି। ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଦେଶରେ ରନ୍ଧନ ଗ୍ୟାସ୍ ବ୍ୟବହାର କମିବାରେ ଲାଗିଛି। ମାର୍ଚ୍ଚ ମାସର ପ୍ରଥମ ଦୁଇ ସପ୍ତାହରେ ଦେଶରେ ଏଲଜିପି ବ୍ୟବହାର ୧୭.୭ ପ୍ରତିଶତ ହ୍ରାସ ପାଇଛି। ଏଭଳି ସ୍ଥିତିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶରେ ଇନ୍ଧନ ସମସ୍ୟା ନ ଥିବା କହିଛନ୍ତି। ଚାହିଦା ପୂରଣ ଏବଂ ଯୋଗାଣ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସରକାର ଘରୋଇ ଏଲପିଜି ଉତ୍ପାଦନ କ୍ଷମତାକୁ ବୃଦ୍ଧି କରୁଛନ୍ତି। ଆମେ ଅସ୍ଥିର ସମୟରେ ମଧ୍ୟ ଏଲପିଜିର ନିରନ୍ତର ଯୋଗାଣ ସୁନିଶ୍ଚିତ କରୁଛୁ। ଆର୍ଥିକବର୍ଷ ୨୦୨୬ ପାଇଁ ଦ୍ୱିତୀୟ ଅନୁଦାନ ଦାବି ଉପରେ ହୋଇଥିବା ଏକ ଆଲୋଚନାର ଉତ୍ତର ଦେଇ ମଙ୍ଗଳବାର ସୀତାରମଣ ଏହା କହିଛନ୍ତି।

ତଥ୍ୟ ଅନୁଯାୟୀ, ଦେଶରେ ଏଲପିଜି ବ୍ୟବହାର ମାର୍ଚ୍ଚ ୧୫ ସୁଦ୍ଧା ୧୧.୪୭ ଲକ୍ଷ ଟନକୁ ହ୍ରାସ ପାଇଛି, ଯାହା ଗତ ବର୍ଷ ମାର୍ଚ୍ଚ ମାସର ପ୍ରଥମ ୧୫ ଦିନରେ ୧୩.୮୭ ଲକ୍ଷ ଟନ୍ ରହିଥିଲା। ଏହା ଚଳିତବର୍ଷ ଫେବୃଆରୀ ମାସର ପ୍ରଥମ ୧୫ ଦିନରେ ୧୫.୫୭ ଲକ୍ଷ ଟନର ଚାହିଦା ତୁଳନାରେ ମଧ୍ୟ ୨୬.୩ ପ୍ରତିଶତ କମ୍। ଉଲ୍ଲେଖନୀୟ ଯେ ଭାରତ ଏହାର ମୋଟ ଏଲପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନୀ କରେ, ଯାହା ମଧ୍ୟରୁ ଅଧିକାଂଶ ଇରାନ ଦ୍ୱାରା ନିୟନ୍ତ୍ରିତ ହରମୁଜ୍ ପ୍ରଣାଳୀ ଦେଇ ଆସେ।

# ମଧ୍ୟ ପ୍ରାଚ୍ୟରେ ବଡ଼ ଆର୍ଥିକ ସଙ୍କଟ

ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ-ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଆଉ ସାମରିକ ସଂଘର୍ଷ ମଧ୍ୟରେ ସୀମିତ ନାହିଁ। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିଛି। ଏହି ପରିସ୍ଥିତି ଉପସାଗରୀୟ ଦେଶଗୁଡ଼ିକ ପାଇଁ ବିଶେଷ ଗମ୍ଭୀର ହେବାରେ ଲାଗିଛି। ବିଶ୍ୱ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସ୍ୟାଚ୍‌ର ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରୁହେ ଏବଂ

■ **୧୯୯୦ ପରେ ସବୁଠୁ ବଡ଼ ବିପତ୍ତି**

■ **ଯୁଦ୍ଧ ଲମ୍ବା ହେଲେ କତାର ଓ କୁଏତ୍‌ର ଜିଡିପି ୧୪% ଖସିଯିବ**

ହରମୁଜ୍ ପ୍ରଣାଳୀରେ ଯାତାୟାତ ଅବରୋଧ ଜାରି ରୁହେ ତେବେ ଉପସାଗରୀୟ ଅଞ୍ଚଳ ୧୯୯୦ ଦଶକ ପରେ ସବୁଠାରୁ ବଡ଼ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇପାରେ।

ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ଯଦି ହରମୁଜ୍ ପ୍ରଣାଳୀ ପ୍ରାୟ ଦୁଇ ମାସ ପାଇଁ ବନ୍ଦ ରୁହେ, ତେବେ କତାର ଏବଂ କୁଏତର ଅର୍ଥନୀତିକୁ ଏକ ବଡ଼ ଆଘାତ ଲାଗିପାରେ। ଏହି ଦୁଇ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ପ୍ରାୟ ୧୪ ପ୍ରତିଶତ ହ୍ରାସ ପାଇପାରେ। ଏହି ହ୍ରାସ ଏତେ ଗୁରୁତର ହେବ ଯେ ଏହାକୁ ୧୯୯୦ ଦଶକର ପ୍ରାରମ୍ଭରେ ଉପସାଗରୀୟ ଯୁଦ୍ଧ ପରେ ସବୁଠାରୁ ଗୁରୁତର ଆର୍ଥିକ ସଙ୍କଟ ବୋଲି ବିବେଚନା କରାଯିବ। ସେହି ସମୟରେ, ଇରାକର କୁଏତ ଆକ୍ରମଣ ସମଗ୍ର ଅଞ୍ଚଳର ଅର୍ଥନୀତିକୁ ଦୋହଲାଇ ଦେଇଥିଲା।

ଗୋଲ୍ଡମ୍ୟାନ୍ ସ୍ୟାଚ୍ ଅର୍ଥନୀତିଜ୍ଞ ଫାରୁକ୍ ସୌସା କହିଛନ୍ତି ଯେ ଯୁଦ୍ଧ ବାଣିଜ୍ୟ, ଶକ୍ତି ରପ୍ତାନି ଏବଂ ନିବେଶ କାର୍ଯ୍ୟକଳାପ ଉପରେ ଗଭୀର ପ୍ରଭାବ ପକାଇପାରେ। ଏହା ଏହି ଦେଶଗୁଡ଼ିକର ତୈଳ-ଆଧାରିତ ଅର୍ଥନୀତିକୁ ଦୁର୍ବଳ କରିପାରେ। ଯଦିଓ ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ସ୍ଥିତି କତାର ଏବଂ କୁଏତ ତୁଳନାରେ ଟିକିଏ ଭଲ ବୋଲି କୁହାଯାଏ, ଏହି ଦେଶଗୁଡ଼ିକୁ ଆର୍ଥିକ କ୍ଷତିରୁ



ସମ୍ପୂର୍ଣ୍ଣ ଭାବରେ ରକ୍ଷା କରାଯାଇପାରିବନାହିଁ। ଆକଳନ କରାଯାଇଛି ଯେ ସାଉଦି ଆରବର ଜିଡିପି ପ୍ରାୟ ୩ ପ୍ରତିଶତ ଏବଂ ୟୁଏଇର ପ୍ରାୟ ୫ ପ୍ରତିଶତ ହ୍ରାସ ପାଇପାରେ। ଏହି ଦେଶଗୁଡ଼ିକ କିଛି ଆଶ୍ୱସ୍ତି ପାଇପାରନ୍ତି କାରଣ ସେମାନଙ୍କର ହର୍ମୁଜ୍ ପ୍ରଣାଳୀ ବ୍ୟତୀତ ଅନ୍ୟ ରାସ୍ତା ଦେଇ ତେଲ ରପ୍ତାନି କରିବାର କ୍ଷମତା ଅଛି। ଏହା ବ୍ୟତୀତ, ତୈଳ ମୂଲ୍ୟ ବୃଦ୍ଧିରୁ ସେମାନେ ଆର୍ଥିକ ଭାବରେ ମଧ୍ୟ ଲାଭ ପାଇପାରିବେ।

ଏହି ସମ୍ପୂର୍ଣ୍ଣ ସଙ୍କଟର କେନ୍ଦ୍ର ହେଉଛି ହରମୁଜ୍ ପ୍ରଣାଳୀ, ଯାହା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ ମଧ୍ୟରୁ ଗୋଟିଏ। ବିଶ୍ୱର ତୈଳ ରପ୍ତାନିର ପ୍ରାୟ ଏକ ପଞ୍ଚମାଂଶ ଏହି ଜଳପଥ ଦେଇ ଗତି କରେ। ଯଦି ଯାତାୟାତ ବାଧାପ୍ରାପ୍ତ ହୁଏ ତେବେ ଏହା କେବଳ ଉପସାଗରୀୟ ଦେଶଗୁଡ଼ିକୁ ନୁହେଁ ବରଂ ବିଶ୍ୱ ଶକ୍ତି ବଜାରକୁ ମଧ୍ୟ ପ୍ରଭାବିତ କରିବ। ଯୁଦ୍ଧ ଯୋଗୁଁ ଏହି ମାର୍ଗରେ ଜାହାଜ ଚଳାଚଳ ଜନିତ ବିଭ୍ରାଟ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ପାଇଛି। ସମ୍ପ୍ରତି, ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୧୦୩ ଡଲାର ଅତିକ୍ରମ କରିଛି। ଏହା ବିଶ୍ୱ ଗ୍ୟାସ ବଜାରରେ ଅସ୍ଥିରତା ମଧ୍ୟ ବଢ଼ାଇଛି। କାତାର ହେଉଛି ବିଶ୍ୱର ସର୍ବବୃହତ ଏଲ୍ଏନ୍‌ଜି (ତରଳ ପ୍ରାକୃତିକ ଗ୍ୟାସ) ରପ୍ତାନିକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ଯୁଦ୍ଧ ଯୋଗୁଁ ଏହାର ଗ୍ୟାସ ରପ୍ତାନିରେ ହ୍ରାସ ଘଟିଛି, ଯାହା ଅନ୍ତର୍ଜାତୀୟ ଗ୍ୟାସ ବଜାରରେ ବାଧା ସୃଷ୍ଟି କରିଛି। କେବଳ ତେଲ ଏବଂ ଗ୍ୟାସ ନୁହେଁ, ଅନ୍ୟ ଶିଳ୍ପଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛନ୍ତି। ଉଦାହରଣ ସ୍ୱରୂପ, କଞ୍ଚାମାଲ ଏବଂ ଶକ୍ତି ଯୋଗାଣରେ ବାଧା ଯୋଗୁଁ ବାହାରିନର ସର୍ବବୃହତ ଆଲୁମିନିୟମ୍ ସ୍ମେଲ୍ଟରକୁ ଉତ୍ପାଦନ ହ୍ରାସ କରିବାକୁ ପଡିଛି।

ଆଉ ଏକ ବିଷୟ ହେଉଛି, ଉପସାଗରୀୟ ଦେଶଗୁଡ଼ିକର ଅର୍ଥନୀତି ଆଉ କେବଳ ତେଲ ଉପରେ ନିର୍ଭରଶୀଳ ନୁହେଁ। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏହି ଦେଶଗୁଡ଼ିକ ପର୍ଯ୍ୟଟନ, ରିଅଲ୍ ଇଷ୍ଟେଟ୍ ଏବଂ ବିଦେଶୀ ନିବେଶ ଭଳି କ୍ଷେତ୍ରରେ ଯଥେଷ୍ଟ ବିସ୍ତାର କରିଛନ୍ତି। ତଥାପି, ଯୁଦ୍ଧ ଏହି କ୍ଷେତ୍ରଗୁଡ଼ିକରେ ମଧ୍ୟ ଅନିଶ୍ଚିତତା ବୃଦ୍ଧି କରୁଛି। ଯଦି ଏହି ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରହେ, ତେବେ ନିବେଶକଙ୍କ ବିଶ୍ୱାସ ଓ ପର୍ଯ୍ୟଟନ ହ୍ରାସ ପାଇପାରେ ଏବଂ ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ପ୍ରଭାବିତ ହୋଇପାରେ।

# ୧୯ରୁ ସିଆଇଆଇ ଓଡ଼ିଶା ମାଇନିଂ ଆଣ୍ଡ କନଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ଏକ୍ସପୋ

ଭୁବନେଶ୍ୱର,୧୭।୩(ସମିସ) : କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ 'ଓଡ଼ିଶା ମାଇନିଂ ଆଣ୍ଡ କନଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମସିଇ)୨୦୨୬ ର ପ୍ରଥମ ସଂସ୍କରଣ ଆୟୋଜିତ ହେବାକୁ ଯାଉଛି, ଯାହାକି ପୂର୍ବ ଭାରତରେ ଖଣି ଏବଂ ନିର୍ମାଣ ଉପକରଣ କ୍ଷେତ୍ର ପାଇଁ ଏକ ଉତ୍ସର୍ଗୀକୃତ ଶିଳ୍ପ ମଞ୍ଚ। ଏହି ତିନି ଦିନିଆ କାର୍ଯ୍ୟକ୍ରମ ୧୯ ରୁ ୨୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆଠାରେ ଅନୁଷ୍ଠିତ ହେବ। ଖଣି ଏବଂ ଭିତିଭୂମି ବ୍ୟବସ୍ଥାକୁ ରୂପାନ୍ତରିତ କରୁଥିବା ଅତ୍ୟାଧୁନିକ ଉଦ୍ଭାବନ ତଥା ବୈଷୟିକ ପ୍ରଗତିକୁ ପ୍ରଦର୍ଶନ କରିବା ପାଇଁ ଅଗ୍ରଣୀ ନିର୍ମାତା, ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ, ଠିକାଦାର, ଭିତ୍ତିଭୂମି ବିକାଶକାରୀ, ନୀତି ନିର୍ଦ୍ଧାରକ ଏବଂ ପ୍ରମୁଖ ଶିଳ୍ପ ହିତାଧିକାରୀମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବା ହେଉଛି ଓଏମସିଇ ୨୦୨୬ ର ମୂଳ ଲକ୍ଷ୍ୟ। ଆୟୋଜକ ରାଜ୍ୟ ଭାବରେ ଓଡ଼ିଶା ସରକାରଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ 'ଇଣ୍ଡିଆନ କନଷ୍ଟ୍ରକ୍ସନ ଇକ୍ୱିପମେଂଟ ମାନୁଫ୍ୟାକ୍ଚରର୍ସ ଆସୋସିଏସନ୍ (ଆଇସିଇଏମଏ) ଏହାର ସେକ୍ଟର ପାର୍ଟନର ରହିଛି।

**୨୪ ଘଣ୍ଟାରେ ଡାକ ବିଭାଗର ଗ୍ୟାରେଣ୍ଟି ପାର୍ସଲ ଡେଲିଭରୀ**

# ବିଳମ୍ବ ହେଲେ ମିଳିବ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ




ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଆଉ ଲାଗିବନି ଅଧିକ ଦିନ। ମାତ୍ର ୨୪ ଘଣ୍ଟାରେ ହୋଇଯିବ ପାର୍ସଲ ଡେଲିଭରି। ତାହାବି ପୁଣି କମ୍ ଦାମରେ। ଭାରତୀୟ ଡାକ ବିଭାଗ ଆଣିଛି ଏହି ନୂଆ ଫିଚର। ଏଣିକି ଇଣ୍ଡିଆ ପୋଷ୍ଟରେ ଜରୁରୀ ଡକ୍ୟୁମେଣ୍ଟ କିମ୍ବା ପାର୍ସଲ ୨୪ ଘଣ୍ଟାରେ ପଠାଇହେବ। ମଙ୍ଗଳବାର ଭାରତୀୟ ଡାକ ବିଭାଗ ଏହି ନୂଆ ସେବାର ଆରମ୍ଭ କରିଛି। ବଡ଼ କଥା ହେଲା ଏହି ସର୍ଭିସରେ ଡାକ ବିଭାଗରୁ ଆପଣଙ୍କୁ ଲିଖିତ ଗ୍ୟାରେଣ୍ଟି ମିଳିବ। ଯଦି ନିର୍ଦ୍ଧାରିତ ସମୟରେ ଡେଲିଭରି ନ ହୁଏ, ତେବେ 'ମନି ବ୍ୟାକ୍ ଗ୍ୟାରେଣ୍ଟି' ଅନୁସାରେ ଆପଣଙ୍କୁ ପୂରା ଟଙ୍କା ଫେରସ୍ତ ହୋଇଯିବ। ଡାକ ବିଭାଗ ଏହି ସେବାକୁ ବର୍ତ୍ତମାନ ଦେଶର ୬ ପ୍ରମୁଖ ମେଟ୍ରୋ ସହରେ ଆରମ୍ଭ କରିଛି। ଏଥିରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ସାମିଲ ରହିଛି। ଏସବୁ ସହରରେ ଡେଲିଭରି ଟାଇମଲାଇନକୁ ପୂରା କରିବା ପାଇଁ ବିଭାଗ ଅଲଗା ଭାବେ ପ୍ରୋସେସିଂ ୟୁନିଟ୍ ତିଆରି କରାଯାଇଛି। ପାର୍ସଲ ପଠାଇବା ପାଇଁ ଉଡ଼ାଜାହାଜର ବ୍ୟବହାର ହେବ।

**ଟାଟା ଏଆଇଜି-ଡନ୍ ଆଣ୍ଡ ବ୍ରାଡ୍‌ସିଟ୍ ରିପୋର୍ଟ**

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ପ୍ରଭାବିତ ହେବ ବ୍ୟବସାୟ

ନୂଆଦିଲ୍ଲୀ,୧୭।୩(ଏଜେନ୍ସି)

ମଧ୍ୟପ୍ରାଚ୍ୟରେ ଘଟୁଥିବା ଭୂ-ରାଜନୈତିକ ଘଟଣା ଦ୍ୱାରା ବିଶ୍ୱ ଯୋଗାଣ ଶୃଙ୍ଖଳାର ସମ୍ବେଦନଶୀଳତା ଓ ବ୍ୟବସାୟ ପରିଚାଳନାର ସମ୍ବେଦନଶୀଳତା ସାମ୍ନାକୁ ଆସିଛି। ଟାଟା ଏଆଇଜି ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଓ ଡନ୍ ଆଣ୍ଡ ବ୍ରାଡ୍‌ସିଟ୍ ଇଣ୍ଡିଆ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ହରାଇଜନ୍ ୱାଚ୍ ଇମର୍ଜିଂ ରିସ୍କ ରିପୋର୍ଟ ଅନୁସାରେ ୬୩ ପ୍ରତିଶତ ବ୍ୟବସାୟ ଆଶା କରୁଛନ୍ତି ଯେ, ଅନ୍ତର୍ଜାତୀୟ ସଙ୍କଟ ସେମାନଙ୍କ ବ୍ୟବସାୟ ପରିଚାଳନାକୁ ପ୍ରଭାବିତ କରିବ ଓ ୧୯ ପ୍ରତିଶତ ନେତୃବର୍ଗ ନିୟମିତ ଭାବେ ଭୂ-ରାଜନୈତିକ ବିପଦ ଆକଳନ କରୁଛନ୍ତି। ଦ୍ରୁତ ଗତିରେ ବଦଳୁଥିବା ଭୂ-ରାଜନୈତିକ ସ୍ଥିତି ଦ୍ୱାରା କିଭଳି ସାରା ବିଶ୍ୱର ବ୍ୟବସାୟ ପାଇଁ ପରିଚାଳନା ଓ ଆର୍ଥିକ ଅନିଶ୍ଚିତତା ସୃଷ୍ଟି କରିଥାଏ ତାହା ଉପରେ ଏହି ଅଧ୍ୟାୟ ଆଲୋକପାତ କରୁଛି ଏବଂ ଏହା ବିପଦକୁ ନେଇ ଦୃଢ଼ ପ୍ରସ୍ତୁତିର ଆବଶ୍ୟକତାକୁ ଜଣାଉଛି। ଅନ୍ତର୍ଜାତୀୟ ସ୍ତରରେ ଯୋଗାଣ ଶୃଙ୍ଖଳ ବିସ୍ତାର କରିଥିବା ଭାରତୀୟ ବ୍ୟବସାୟ ପାଇଁ ହର୍ମୁଜ ପ୍ରଣାଳୀ ଓ ଲୋହିତ ସାଗର ଭଳି ପ୍ରମୁଖ ସମୁଦ୍ରପଥରେ ଉତ୍ତେଜନା ଦ୍ୱାରା ମାଲ ପରିବହନ ଖର୍ଚ୍ଚ ବଢ଼ିଥିବା ବେଳେ ଜାହାଜ ଚଳାଚଳ ବିଳମ୍ବିତ ହୋଇଛି ଓ ଇନପୁଟ ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି। ଆଇଟି ଓ ତତ୍ ସଂକ୍ରାନ୍ତୀୟ କ୍ଷେତ୍ର, ରସାୟନ ଓ ଫାର୍ମାସ୍ୟୁଟିକାଲ୍, ଅଟୋ ଓ ଆନୁଷଙ୍ଗିକ, ଆର୍ଥିକ ସେବା ଭଳି ୨୫ଟି କ୍ଷେତ୍ରର ୩୦୦ ଭାରତୀୟ ବ୍ୟବସାୟିକ ନେତୃତ୍ୱଙ୍କୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ଯୋଗାଣ ଶୃଙ୍ଖଳ ବିଭ୍ରାଟ ହେଉଛି ଏକ ପ୍ରମୁଖ ସମସ୍ୟା। ସର୍ଭେରେ ୬୦ ପ୍ରତିଶତ ନେତୃବର୍ଗ କହିଥିଲେ ଯେ, ଏହା ଲିଜିଷ୍ଟିକ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଆର୍ଥିକ ଅସ୍ଥିରତା ହେଉଛି ଏକ ପ୍ରମୁଖ ବିପଦ କ୍ଷେତ୍ର ଯେଉଁଠାରେ ୪୮ ପ୍ରତିଶତ ବ୍ୟବସାୟ ଆର୍ଥିକ ଅବନତି, ଉଚ୍ଚ ସୁଧ ହାର ଓ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତିତ ରହିଛନ୍ତି। ଭୂ-ରାଜନୈତିକ ସଙ୍କଟ, ପ୍ରଯୁକ୍ତି ବିଭ୍ରାଟ, ଆଇନଗତ ଆହ୍ୱାନ ଓ ନିୟାମକ ପରିବର୍ତ୍ତନ ପାଇଁ ବିପଦ ଅଧିକ ଜଟିଳ ହେବାରେ ଲାଗିଛି। ଏହି ବ୍ୟବସାୟମାନଙ୍କ ପାଇଁ ଯୋଗାଣକାରୀ ବିବିଧତା, ଭୂ-ରାଜନୈତିକ ଦୃଷ୍ଟିକୋଣ ଯୋଜନା ଓ ବୀମା ବିପଦ ସ୍ଥାନାନ୍ତରକୁ ପ୍ରତ୍ୟେକ୍ଷ ଭାବେ କାର୍ଯ୍ୟକାରୀ କରିବାକୁ ହେବ।




■ **ପଶ୍ଚିମ ଏସିଆ ସଙ୍କଟ**

# ନିଜସ୍ୱ ଖଣିଜ ଭଣ୍ଡାର ବ୍ୟବହାର ତ୍ୱରାନ୍ୱିତ କରିବା ଜରୁରୀ



ଭୁବନେଶ୍ୱର, ୧୭।୩(ସମିସ): ପଶ୍ଚିମ ଏସିଆରେ ବଢ଼ୁଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳର କ୍ରମବର୍ଦ୍ଧିଷ୍ଣୁ ଭଙ୍ଗୁରତା ଘରୋଇ ପ୍ରାକୃତିକ ସମ୍ପଦର ରଣନୈତିକ ଗୁରୁତ୍ୱ ଉପରେ ପୁନଃ ଧ୍ୟାନ କେନ୍ଦ୍ରିତ କରିଛି। ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ଏହା ଭାରତ ପାଇଁ ନିଜସ୍ୱ ଖଣିଜ ଭଣ୍ଡାରର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ, ଯାହା ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଅସ୍ଥିର ଅନ୍ତର୍ଜାତୀୟ ଯୋଗାଣ ରେଖା ଉପରେ ନିର୍ଭରତା ହ୍ରାସ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ବକ୍ସାଇଟ୍ ସଂରକ୍ଷଣରେ ବିଶ୍ୱ ସ୍ତରରେ ୫ମ। ଦେଶରେ ଓଡ଼ିଶା ଏହି କ୍ଷେତ୍ର ପାଇଁ ପ୍ରାଥମିକ ଇଞ୍ଜିନ ଭାବରେ କାର୍ଯ୍ୟ କରେ। ଭାରତର ମୋଟ ବକ୍ସାଇଟ୍ ସମ୍ପଦର ୫୧%ରୁ ଅଧିକ ଧାରଣ କରେ, କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାରେ ପ୍ରମୁଖ ଜମା କେନ୍ଦ୍ରିତ। ବିଶ୍ୱ ବାଣିଜ୍ୟ ବାଧା ସାମଗ୍ରୀ ବଜାରକୁ ପ୍ରଭାବିତ କରୁଥିବାରୁ ଆମଦାନୀ ହୋଇଥିବା କଞ୍ଚାମାଲ ଉପରେ ନିର୍ଭରତା ଅର୍ଥନୀତିକୁ ଅସୁବିଧାରେ ପକାଏ। ଭାରତ ବକ୍ସାଇଟ୍ କ୍ଷେତ୍ରରେ ପ୍ରାୟ ୯୦% ସ୍ୱାବଲମ୍ବୀ ହୋଇଥିଲେ ମଧ୍ୟ ୨୦୩୬ ପାଇଁ ବିକଶିତ ଓଡ଼ିଶା ଦୃଷ୍ଟିକୋଣ ଗୁରୁତ୍ୱାରୋପ କରେ ଯେ ଘରୋଇ ଆଲୁମିନିୟମ୍ ଚାହିଦାରେ ଛଅ ଗୁଣ ବୃଦ୍ଧିକୁ ପୂରଣ କରିବା ପାଇଁ ଅବ୍ୟବହୃତ ଭଣ୍ଡାରକୁ ଖୋଲାଯିବା ଏକ ରଣନୈତିକ ଆବଶ୍ୟକତା। ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ନୀଳଞ୍ଜନ ବଣିକ ଏହି ପରିବର୍ତ୍ତନର ମାନବିକ ଏବଂ ଆର୍ଥିକ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନର ବିଶ୍ୱ ପରିସ୍ଥିତି ପ୍ରମାଣ କରୁଛି ଯେ ଆତ୍ମନିର୍ଭରଶୀଳତା କେବଳ ଏକ ମହତ୍ୱାକାଂକ୍ଷା ନୁହେଁ ବରଂ ଏକ ବଂଚିବାର ରଣନୀତି। ଦାୟିତ୍ୱପୂର୍ଣ୍ଣ ବକ୍ସାଇଟ୍ ଖଣିକୁ ଦ୍ରୁତ-ଟ୍ରାକିଂ କରି, ଆମେ ପଶ୍ଚିମ ଓଡ଼ିଶାକୁ ଏକ ବିଶ୍ୱ ଶିଳ୍ପ କେନ୍ଦ୍ରରେ ପରିଣତ କରିପାରିବା। ଏହା କେବଳ ଖଣିଜ ପଦାର୍ଥ ବିଷୟରେ ନୁହେଁ; ଏହା ଆମର ଯୁବପିଢ଼ି ପାଇଁ ଘରେ ମର୍ଯ୍ୟାଦାପୂର୍ଣ୍ଣ ଜୀବିକା ପ୍ରଦାନ କରିବା।

